କାର୍ଯ୍ୟକ୍ରମ ସହ ବିଭିନ୍ନ ତାଲିମ କାର୍ଯ୍ୟକ୍ରମ କାରାଯାଇଛି । ଗରୀବ ପରିବାର କୁ ଛେଳି, କୁକୁଡାପାଳନ, କ୍ଷୁଦ୍ରବ୍ୟବସାୟ, ପନିପିବାଚାଷ ପାଇଁ ସହଯୋଗ କରାଯାଇଛି । ୫୦୦୦ ହେକ୍ଟର ଜଳଛାୟା ଅଂଚଳରେ ବିଭିନ୍ନ କାର୍ଯ୍ୟ ମାଧ୍ୟମରେ ଜଳ ଓ ଜମିର ଉନ୍ନତି କରାଯାଇଛି ।

୨୦୦୯ ମସିହାରୁ ନାବାଡ ଓଡିଶା ସହଯୋରେ ୩୦୦୦ ହେକ୍ଟର ଅଂଚଳରେ ବିଭିନ୍ନ କାର୍ଯ୍ୟମାଧ୍ୟମରେ ଜଳ ଓ ଜମିର ଉନ୍ନତି କରାଯାଇଛି । ଗରୀବ ପରିବାରକୁ ଛେଳି, କୁକୁଡାପାଳନ, କ୍ଷୁଦ୍ରବ୍ୟବସାୟ, ପନିପରିବା ଚାଷ ପାଇଁ ସହଯୋଗ କରାଯ୍ାଇଛି । ଜମି ଚାଷ ପାଇଁ ପାଣିର ବ୍ୟବସ୍ତା କରାଯାଇଛି। ୩୨୦ ପରିବାରର ଜୀବନଜୀବିକାର ଉନ୍ନତି କରଣ ସହ ବିଭିନ୍ନ ତାଲିମ ମଧ୍ୟମରେ ଶସକ୍ତ କରାଯାଇପାରିଛି । ୨୦୧୭ ରୁ ଜଳବାୟୁ ପରିବର୍ତନକୁ ମୁକାବିଲା କରିବାପାଇଂ ମଧ୍ୟ ପାରମ୍ପାରିକ ଚାଷ କୁ ଗୁରୁତ୍ୱ ଦେବା, ଦେଶୀ ବିହନ ସଂଗ୍ରହ, ଜୈବିକ ଖତ ସାର ଓ ଔଷଧ ବ୍ୟବହାର ,ଜଙ୍ଗଲ ସୁରକ୍ଷା,ଫଳ ବଗିଚା ଶୃଷ୍ଟି ଆଦି କାର୍ଯ୍ୟ କରାଯାଇଅଛି ।

ଓଡିଶାସରକାରଙ୍କ ଆଦିବାସୀ ହରିଜନ ବିକାଶ ବିଭାଗ ସହଯୋରେ ୨୦୧୭ ମସିହାରୁ ମୁନିଗୁଡା ର ୬୦ ଟି ଗ୍ରାମର ୨୧୬୨ ପରିବାର ଜୀବନଜୀବିକାର ଉନ୍ନତି ଓ ଶସସକ୍ତି କରଣ ପାଇଁ ଓପିଲିପି କାର୍ଯ୍ୟକ୍ରମ ଚାଲୁରହିଛି । ଏହି କାର୍ଯ୍ୟ କ୍ରମରେ ଆଦିମ ଜନଜାତିଙ୍କ ବିକାଶ ପାଇଁ ବିଶେଷ ଗୁରୁତ୍ୱ ଦିଆଯାଇଛି । ୩୮ ଟି ଗ୍ରାମ ଉନ୍ନୟନ ସଇଘ ପଂଜିକୃତ ହୋଇଛି । ବିକାଶ ଯୋଜନା ତିଆରିସହ ସୋଲାର ୍ପାଣି, ଗାଇ ଓ ଛେଳିଗୁହାଲ, ବାସନ ଓ ଟେଣ୍ଟ ସାମଗ୍ରୀ ଦିଆ ଯାଇଛି । ପନିପରିବା ଚାଷ,ଧାଡିରୁଆ, ରବିଚାଷ ପାଇଁ ସାହା୍ଯ୍ୟ କରା ଯାଇଛି । ଗରୀବ ପରିବାର କୁ ଛେଳି, କୁକୁଡାପାଳନ, କ୍ଷୁଦ୍ରବ୍ୟବସାୟ, ଛତୁଚାଷ,ପନିପିବାଚାଷ ପାଇଁ ସ୍ୱୟଂସହାୟକ ଦଳ ମାଧ୍ୟମରେ ସହଯୋଗ କରା୍ଇଛି ।

ନାଓ ଓଡିଶା ସହଯୋଗରେ ୨୦୦୯ ରୁ ୨୦୧୫ ମସିହାରୁ ମହିଳା ପାଂଚାୟତ ପ୍ରତିନିଧିମାନଙ୍କ ସଂଗଠନ ଓ ତାଲିମ ପାଇଁ କାର୍ଯ୍ୟକ୍ରମ କଳାହାଣ୍ଡି ଓ ରାୟଡାରେ କରାଯାଇଛି ଗିଲ୍ଲା ସମ୍ବଳ କେନ୍ଦରା ମାଧ୍ୟମରେ ମହିଳା ହଁସା କେସ ଗୁଡ଼ିକୁ ସମାଧାନ କରିବା ସହ ବିଭିନ୍ନ ଅଭିଯାନ କାଯ୍ୟରହିଛି ।ଏହାଛଡା ରାୟଡାର ୫ଟି ବ୍ଲକର ସମସ୍ତ ନିର୍ବାଚିତ ପଂଚାୟତ ପ୍ରତିନିଧିମାନଙ୍କ ତାଲିମ ୨୧୭ ଓ ୨୦୧୮ ମସିହାରକରାଇାଉଛି ।

୨୦୦୯ ମସିହାରୁ ୨୦୧୫ ପଯ୍ୟନ୍ତ କଳାହାଣ୍ଡି ଓ ରାୟଗଡାର ଏସ ପି ଅଫିସ ରେ ମହିଳାଙ୍କ ଉପରେ ହେଇଥିବା ହିସାଦୁର କରିବା ପାଇଁ ମହିଳା ସହଯୋଗ କେନ୍ଦ୍ର ପରିଚାଳନା କରି ୪୦୦୦ ରୁ ଅଧିକ କେଶର ସମାଧାନ ପାଇଁ ଚେଷ୍ଟା କରାଯାଇଛି । ଘରୋଇ ହିଂସା ନିବାରଣ ଆଇନକୁ କାର୍ଯ୍ୟକାରୀ କରାଇବା ତଥା ମହିଳା ହିଂସା ରୋକିବା ପାଇଁ ବହୁ ରାଜ୍ୟସ୍ତରୀୟ କାର୍ଯ୍ୟ ହାତକୁ ନିଆ ଯାଇଛି ।

**FRIENDS ASSOCIATION FOR RURAL RECONSTRUCTION**
**At-po: Biswonathpur, Kalahandi 766020, Odisha, India.**
**Email: farr.orissa7@gmail.com**

ଆଦିବାସୀ ଅଧ୍ୟୁଷିତ, ଅନୁନ୍ନତ ଗ୍ରାମାଞ୍ଚଳ ଗରିବ ଓ ନଷ୍ପେଷିତ ଜନ ସାଧାରଣଙ୍କ ସର୍ବାଙ୍ଗୀନ ବିକାଶକୁ ଦୃଷ୍ଟିରେ ରଖି ଆଜିକୁ ଠିକ୍ ଚାଳିଶ ବର୍ଷ ପୂର୍ବରୁ ସ୍ୱେଚ୍ଛାସେବୀ ସଂଗଠନ ଫାର୍ ନିଜର କର୍ମମୟ ଜୀବନର ଶୁଭାରମ୍ଭ କରିଥିଲା ।

କଳାହାଣ୍ଡି, ସମ୍ବଲପୁର ମରୁଡି ପ୍ରପିଡିତ ଅଞ୍ଚଳର ବିକାଶ ପାଇଁ ଅକ୍ସଫାମ୍ ପତ୍ୟକ୍ଷ ତତ୍ତ୍ୱାବଧାନରେ ପ୍ରବର୍ତ୍ତିତ ଶ୍ବଅକ୍ସଫାମ ପଶ୍ଚିମ ଓଡିଶା କାର୍ଯ୍ୟକ୍ରମରେ ଜଡିତ ଥିଲେ ମୈତ୍ରୀ ସଂଘର ସମସ୍ତ ଯୁବ ବନ୍ଧୁବର୍ଗ । ୧୯୭୭ ରୁ ୧୯୮୧ ପର୍ଯ୍ୟନ୍ତ ସେହି ଅଞ୍ଚଳରେ ନିଷ୍ଠାର ସହ କାର୍ଯ୍ୟ କରୁଥିବା ଯୁବ ସ୍ୱେଚ୍ଛାସେବୀ ମାନେ ଜନସାଧାରଣଙ୍କର ଦୁଃଖ ଦୁର୍ଦ୍ଦଶାକୁ କେବଳ ସାମ୍ନା କରି ନ ଥିଲେ ବରଂ ସେହି ତିକ୍ତ ଅନୁଭୂତିକୁ ପୁଞ୍ଜିକରି ସଂଘ ବଦ୍ଧ ପ୍ରଚେଷ୍ଟା ଦ୍ୱାର କାର୍ଯ୍ୟକ୍ରମର ଧାରାବାହିକତା ରକ୍ଷା କରିବାକୁ ବଜ୍ର ଶପଥ ନେଇ ଅଣ୍ଟା ଭିଡିଥିଲେ । ସେହି କେତେଜଣ ଉଚ୍ଚ ଶିକ୍ଷିତ, ସମଧର୍ମୀ, ସମଭାବାପନ୍ନ ଏବଂ ଦୂରଦୃଷ୍ଟି ସଂପନ୍ନ ସ୍ୱୟଂ ସେବକ, ସେବିକାଙ୍କ ମତାଦର୍ଶକୁ ନେଇ ୧୯୮୩ ମସିହାରେ ଫାର୍ ସ୍ୱେଚ୍ଛାସେବୀ ସଂଗଠନର ସୂତ୍ରପାତ ହୋଇଥିଲା । ସବୁଠୁଁ ପଛରେ ପଡି ରହିଯାଉଥିବା ଦରିଦ୍ରତମ ବ୍ୟକ୍ତିଙ୍କୁ ସମାଜର ମୁଖ୍ୟ ସ୍ରୋତକୁ ଆଣିବା ପାଇଁ ବଦ୍ଧ ପରିକର ସ୍ୱେଚ୍ଛାସେବୀ ମାନେ ଦୁନିଆର ସମସ୍ତ ଚାକଚକ୍ୟ, ଆତ୍ମସ୍ୱାର୍ଥକୁ ଜଳାଞ୍ଜଳି ଦେଇ ଅବିଭକ୍ତ କଳାହାଣ୍ଡି, କୋରାପୁଟ ଓ ଢେଙ୍କାନାଳ ଜିଲ୍ଲାରେ ସଂଗଠନର ପ୍ରାରମ୍ଭିକ କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ । କଳାହାଣ୍ଡି ଜିଲ୍ଲାର ଦୁର୍ଗମ ଲାଞ୍ଜିଗଡ ସଂଗଠନର ମୁଖ୍ୟ କାର୍ଯ୍ୟାଳୟ ଥାଇ ପ୍ରସାରିତ ସହଯୋଗୀ ହାତ କ୍ରମଶଃ ଗାଁ, ଜିଲ୍ଲା, ରାଜ୍ୟ ଅତିକ୍ରମ କରି ଆଜି ଜାତୀୟ ଏବଂ ଆନ୍ତର୍ଜାତୀୟ ସ୍ତରରେ ନିଜକୁ ପରିଚିତ ଓ ପ୍ରତିଷ୍ଠିତ କରିପାରିଛି । ଏକ ମୂଲ୍ୟବୋଧ ଭିତ୍ତିକ ସ୍ଥାୟୀ ପରିବର୍ତ୍ତନ ପାଇଁ ସଂଗଠନ ସକାରାତ୍ମକ କାର୍ଯ୍ୟକ୍ରମ ଅବ୍ୟାହକ ରଖିବା ସହ ସାମାଜିକ ବିକାଶ କ୍ଷେତ୍ରରେ ଅନ୍ତରାୟ ସୃଷ୍ଟି କରୁଥିବା କାରଣ ଗୁଡିକୁ ଚିହ୍ନଟ କରିବାରେ ସକ୍ଷମ ହୋଇପାରିଛି ।

ସଂଗଠନର ପ୍ରାରମ୍ଭିକ କାର୍ଯ୍ୟକ୍ରମ ସର୍ବେକ୍ଷଣ, ଲୋକ ସଂପର୍କ, ଗୋଷ୍ଠୀ ଆଲୋଚନା ଓ ଅନୁଧ୍ୟାନ ଆଦିରୁ ଜଣାପଡିଥିଲା ଯେ ଗ୍ରାମାଞ୍ଚଳରେ ବସବାସ କରୁଥିବା ଅଧିକାଂଶ ପରିବାର ଗରିବ କାରଣ ସେମାନେ ପୁରୁଷାନୁକ୍ରମେ ଶୋଷଣର ଜାଲରେ ଛନ୍ଦି ହୋଇ ରହିଛନ୍ତି । ସେମାନଙ୍କର ସ୍ଥାବର ସଂପତ୍ତି ଧନୀ ଓ ପ୍ରଭାବଶାଳୀ ବ୍ୟକ୍ତିଙ୍କ ଆୟତ୍ତରେ । ଗରିବ ଜନ ସାଧାରଣ ଯେଉଁ ପରିଶ୍ରମ କରନ୍ତି କିମ୍ବା ଉତ୍ପାଦନ କରନ୍ତି, ତାହା ସେମାନେ ଉପଭୋଗ କରିପାରନ୍ତି ନାହିଁ । ସେମାନେ ନିରକ୍ଷର, ଦରିଦ୍ର ତେଣୁ ନିରବ । ଗରିବ ଜନସାଧାରଣଙ୍କ ବିକାଶ ପାଇଁ ସରକାର ବହୁ ଯୋଜନା ପ୍ରଣୟନ କରିଛନ୍ତି । କିନ୍ତୁ ସବୁ ବାଟମାରଣା ହୋଇଛି । ସ୍ୱାସ୍ଥ୍ୟ ସେବା ବ୍ୟବସ୍ଥା ବିପନ୍ନ । ମାତୃ ମୃତ୍ୟୁହାର, ଶିଶୁ ମୃତ୍ୟୁହାର, ଖୁଧା, ଅନହାର ମୃତ୍ୟୁ, ଅନ୍ଧବିଶ୍ୱାସ, କୁ-ସଂସ୍କାର ଆଦିରେ ଜନଜୀବନ ଜର୍ଜରିତ । ପ୍ରତିବାଦ, ପ୍ରତିରୋଧ କରିବାକୁ ଲୋକମାନଙ୍କ ମୁହଁରେ ଭାଷା ନାହିଁ, ଶକ୍ତି ନାହିଁ । ଏସବୁ ପ୍ରସଙ୍ଗ ଉପରେ ସଂଗଠନ ତରଫରୁ ବହୁ ବିଚାର, ବିମର୍ଷ, ଆଲୋଚନା, ପର୍ଯ୍ୟାଲୋଚନା କରାଯାଇ ଜନସାଧାରଣଙ୍କ ମଧ୍ୟରେ ଥିବା ନୀରବତାର ସଂସ୍କୃତିକୁ ଭାଙ୍ଗିବା ଏବଂ ସେମାନଙ୍କୁ ସଂଘବଦ୍ଧ କରି ଶୋଷଣ, ଅତ୍ୟାଚାରକୁ ବନ୍ଦ କରିବା ସହ ଆତ୍ମ ନିର୍ଭରଶୀଳତା ପ୍ରକ୍ରିୟା ତ୍ୱରାନ୍ୱିତ କରିବା ପାଇଁ ଉଦ୍ୟମ ଆରମ୍ଭ ହେଲା । ଗାଁ ଗାଁ ରେ ଗ୍ରାମ ସଂଗଠନ, ମହିଳା ସଂଗଠନ, ଗ୍ରାମପାଣ୍ଠି, ଶସ୍ୟପାଣ୍ଠି ସୃଷ୍ଟି କରାଗଲା । ଉତ୍ପାଦିତ ଫସଲ ଏବଂ ଜଙ୍ଗଲଜାତ ଦ୍ରବ୍ୟର ଉଚିତ୍ ବଜାର ମୂଲ୍ୟ, ନିର୍ଦ୍ଧାରିତ ମଜୁରୀ, ମହିଳା ଓ ପୁରୁଷଙ୍କୁ ସମାନ ମଜୁରୀ, ଜଳ, ଜମି, ଜଙ୍ଗଲ ଉପରେ ସ୍ଥାନୀୟ ଲୋକଙ୍କର ଅଧିକାର, ଧନୀ, ସାହୁକାରମାନଙ୍କ ଠାରୁ ଜମି ଫେରାଇ ଆଣିବା, ଗୋତି ଶ୍ରମିକରୁ ମୁକ୍ତି, ଗ୍ରାମ୍ୟ ଜଙ୍ଗଲର ସୁରକ୍ଷା, ମଦରନ୍ଧା, ମଦବିକ୍ରି ଏବଂ ମଦ୍ୟପାନ ବନ୍ଦ କରିବା, ଅନୌପଚାରିକ ଶିକ୍ଷା ଗ୍ରହଣ କରିବା, ଗାଁ ର ଉନ୍ନୟନ କାର୍ଯ୍ୟକ୍ରମକୁ ନିଜେ ସଂପାଦନ କରିବା, ଅସମାଜିକ କାମକୁ ବିରୋଧ କରିବା ଆଦି ଛୋଟ ଛୋଟ କାର୍ଯ୍ୟକ୍ରମ ଗ୍ରାମ ଏବଂ ଗ୍ରାମ ପଞ୍ଚାୟତ ସ୍ତରରେ ଲୋକ ସଂଗଠନକୁ ଗୁରୁତ୍ୱ ଦିଆଯାଇ ଗ୍ରହଣ କରାଗଲା । ୧୯୮୩ ମସିହା ଠାରୁ ୧୯୯୨ ପର୍ଯ୍ୟନ୍ତ ଜନ ସଂଗଠନ କାର୍ଯ୍ୟକ୍ରମ ସହ ଅନୁଷ୍ଠାନ ତରଫରୁ କୃଷି ବିକାଶ କାର୍ଯ୍ୟକ୍ରମ, ବିହନ ଓ ଖାଦ୍ୟଶସ୍ୟ ଭଣ୍ଡାର ନିର୍ମାଣ, ଅନୌପଚାରିକ ସମବାୟ ମାଧ୍ୟମରେ କ୍ରମ-ବିକ୍ରୟ ବ୍ୟବସ୍ଥା, ଜମିର ଉନ୍ନତିକରଣ ଏବଂ ଜଙ୍ଗଲ ସୁରକ୍ଷା, ଅନପଚାରକ ଶିକ୍ଷା। ଦିଗରେ ବିଭିନ୍ନ କାର୍ଯ୍ୟକ୍ରମ ଗ୍ରହଣ କରାଯାଇ ଲୋକ ଆଦୃତ୍ତି ଲାଭ କରିଥିଲା ।

ପରବର୍ତ୍ତୀ ଅବସ୍ଥାରେ ୧୯୯୦ ମସିହାରେ ବଲାଙ୍ଗୀର ଜିଲ୍ଲାର ଖପ୍ରାଖୋଲକୁ ଏବଂ ୧୯୯୨ ରେ ସୁନ୍ଦରଗଡ ଜିଲ୍ଲାକୁ ପ୍ରକଳ୍ପର ସାଂଗଠନିକ କାର୍ଯ୍ୟକ୍ରମ ସଂପ୍ରସାରିତ କରାଯାଇଥିଲା । ତା' ପରବର୍ଷ ସଂଗଠନର ପ୍ରତିଷ୍ଠାତା ସଭ୍ୟ ତଥା ପୁରୁଣାକର୍ମୀ ବନ୍ଧୁଙ୍କ ପରିଚାଳନାରେ ନୟାଗଡ ଜିଲ୍ଲା ଅନ୍ତର୍ଗତ ଦଶପଲ୍ଲା ବ୍ଲକର ଆଦିବାସୀ ଅଧ୍ୟୁଷିତ ବାଣିଗୋଛା ଠାରେ ଅନ୍ୟ ଏକ ଶାଖା ଖୋଲାଯାଇ କାର୍ଯ୍ୟକ୍ରମ ଗ୍ରହଣ କରାଯାଇଥିଲା । ପୁନଶ୍ଚ ୨୦୦୫ ରେ ନୁଆପଡା ଜିଲ୍ଲାର ଶାଖା କାର୍ଯ୍ୟାଳୟ ଖଡିଆଳ ଠାରେ ଆରମ୍ଭ କରାଗଲା ।

ଗ୍ରାମାଞ୍ଚଳ ଜନସାଧାରଣଙ୍କ ସହ ମିଳିମିଶି ବିଭିନ୍ନ କାର୍ଯ୍ୟକ୍ରମ କରିଥିବା ବେଳେ ଅନୁଭୂତ ହେଲା ଯେ ସାଂଗଠନିକ ପ୍ରକ୍ରିୟାରେ ମହିଳାମାନଙ୍କୁ ବାଦଦେଇ ସର୍ବାଙ୍ଗୀନ ବିକାଶ ସମ୍ଭବପର ନୁହେଁ । ତେଣୁ ମହିଳା ବିକାଶ ଏବଂ ମହିଳା ସଶକ୍ତିକରଣ କାର୍ଯ୍ୟକ୍ରମକୁ ସଂଗଠନ

ଅଗ୍ରାଧିକାର ପ୍ରଦାନ କଲା । ପ୍ରଥମ ଥର ପାଇଁ ଓଡିଶାର ବିଭିନ୍ନ ପ୍ରାନ୍ତରରେ ବିକାଶମୂଳକ କାର୍ଯ୍ୟ କରୁଥବା ମହିଳା ଏବଂ ମହିଳା ସଂଗଠନ ପ୍ରତିନିଧିମାନଙ୍କର ଏକ ଅଧିବେଶନ ୧୯୮୯ ରେ ବିଶ୍ୱନାଥପୁର ଠାରେ ଆୟୋଜନ କରାଯାଥିଲା । ରାଜ୍ୟର ଅନ୍ୟାନ୍ୟ ସ୍ଥାନରେ ଏ ପ୍ରକାର ଅଧିବେଶନ ମଧ ଆୟୋଜନ କରାଯାଇ ମହିଳାଙ୍କ ସମସ୍ୟାଙ୍କୁ ଲୋକଲୋଚନକୁ ଅଣାଗଲା । ୧୯୯୩ ରେ ବିଶ୍ୱନାଥପୁର ଠାରେ ରାଜ୍ୟ ସ୍ତରୀୟ ଆଦିବାସୀ ମହିଳା ସମ୍ମିଳନୀ ଆହ୍ୱାନ କରାଯାଇ ସମ୍ମିଳନୀରେ ଆଲୋଚିତ ମୁଖ୍ୟ ସମସ୍ୟା ଗୁଡିକର ସମାଧାନ ନିମନ୍ତେ ତତ୍କାଳୀନ ମାନ୍ୟବର ରାଜ୍ୟ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା । ଫଳରେ ମହିଳାମାନେ ଜମି ମାଲିକାନା ପାଇବା, ବିଦ୍ୟାଳୟ ପ୍ରବେଶିକା ଖାତା ଏବଂ ପ୍ରମାଣ ପତ୍ରରେ ପିତାମାତା ଉଭୟଙ୍କର ନାମ ଉଲ୍ଲେଖ କରାଯିବା, ଜଙ୍ଗଲ ଜାତ ଅଣକାଷ୍ଠ ଲଘୁ ବନଜାତ ଦ୍ରବ୍ୟ କ୍ରୟ-ବିକ୍ରୟ ପାଇଁ ମହିଳାମାନଙ୍କୁ ଅନୁମତି ପତ୍ର ମିଳିବା, ବେଆଇନ ମଦରାନ୍ଧା ଓ ମଦବିକ୍ରୟକୁ ନିୟନ୍ତ୍ରଣ ପାଇଁ ମହିଳାମାନଙ୍କୁ ପୋଲୋସ୍ କ୍ଷମତା ମିଳିବା ଦେଶି ମଦବନ୍ଦ କରିବା ଏବଂ ୧୦ ଜଣ ଆଦିବାସୀ ମହିଳା  ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶଦାତ୍ରୀ ଭାବେ ଅବସ୍ଥାପିତ ହେବା ଆଦି ସଫଳତା ମିଳିପାରିଥିଲା । ପୁନଶ୍ଚ ୧୯୯୩ ର ବେଇଜିଂ ବିଶ୍ୱ ମହିଳା ସମ୍ମିଳନୀରେ ଗ୍ରାମାଞ୍ଚଳ ମହିଳାମାନଙ୍କ ସ୍ୱର ପହଞ୍ଚାଇବାରେ ଫାର୍ ରାଜ୍ୟ ପାଇଁ ପ୍ରମୁଖ ଭୂମିକା ଗ୍ରହଣ କରିଥିଲା । ଜଳ, ଜମି ଓ ଜଙ୍ଗଲ ଉପରେ ମହିଳା ମାନଙ୍କର ଅଧିକାର, ଅଣକାଷ୍ଠ ଲଘୁ ବନଜାର ଦ୍ରବ୍ୟ କାରବାରରେ ମହିଳାମାନଙ୍କର ଭୂମିକ, ହିଂସା ବିରୋଧରେ ମହିଳା, ନୂତନ ଅର୍ଥନୈତିକ ବ୍ୟବସ୍ଥାରେ ମହିଳା ଓ ମହିଳାମାନଙ୍କର ନିଷ୍ପତି ନେବାର ଅଧିକାର, ଶିଶୁ ଅଧିକାର, ସାମାଜିକ ପରିବର୍ତ୍ତନରେ ଗଣ ମାଧ୍ୟମର ଭୂମିକା ଅଦି ବିଷୟରେ ସଂଗଠନ ତରଫରୁ ବ୍ଲକ୍, ଜିଲ୍ଲା, ଆଞ୍ଚଳିକ ଏବଂ ରାଜ୍ୟସ୍ତରରେ ଆଲୋଚନା ଚକ୍ର, କର୍ମସାଳା, ଶୋଭାଯାତ୍ରା ଆଦି ପର୍ଯ୍ୟାୟକ୍ରମେ ଅନୁଷ୍ଠିତ ହୋଇଅଛି । ୧୯୯୨ରେ ଗ୍ରାମାଞ୍ଚଳ ଗରିବଙ୍କ ପାଇଁ ଆନ୍ତର୍ଜାତିକ କାର୍ଯ୍ୟଦଳ ଭାରତର ଜାତୀୟ କର୍ମଶାଳା, ୧୯୯୩ ଏ ଦକ୍ଷିଣ ଏସିଆ ଆଦିବାସୀ ସମ୍ମିଳନୀ, ୧୯୯୫ ରେ ସୁନ୍ଦରଗଡ ଠାରେ ପୂର୍ବଭାରତ ଆଦିବାସୀ ସମ୍ମିଳନୀ ଏବଂ ଏହି ବର୍ଷ ବେଇଜିଂ ବିଶ୍ୱ ମହିଳା ସମ୍ମିଳନୀରେ ଯୋଗଦାନ ପାଇଁ ଭୁବନେଶ୍ୱର ଠାରେ ପୂର୍ବଭାରତ ସମ୍ମିଳନୀ ଆଦିର ଆୟୋଜନ ତଥା ପରିଚାଳନା ଫାରଦପାଇଁ ଐତିହାସିକ ଗୁରୁତ୍ୱ ବହନ କରେ । ଏତଦ୍‌ଭିନ୍ନ ଜାତୀୟ ମହିଳା ମଞ୍ଚ (ନାଓ) ର ପ୍ରତିଷ୍ଠା ଏବଂ ନାଓ - ଓଡିଶା ଅଧ୍ୟାୟରେ ମହିଳାମାନଙ୍କ ଅପ୍ରତିହତ ସ୍ୱରକୁ ବିଶ୍ୱ ଦରବାରରେ ଉପସ୍ଥାପିତ କରିବାରେ ଫାର୍ ର ଭୂମିକା ଅବିସ୍ମରଣୀୟ ।

କେବଳ ଅଧିକାର ପାଇଁ ନୁହେଁ ଗରିବ ଖଟିଖିଆ ଜନତାଙ୍କର ଜୀବନ ଜୀବିକାକୁ ସମୁନ୍ନତ କରିବା ପାଇଁ ଲୋକ ସଂଗଠନ ଓ ମହିଳା ସଂଗଠନ ମାଧ୍ୟମରେ ବିଭିନ୍ନ କାର୍ଯ୍ୟକ୍ରମ ଯଥା ବିଭିନ୍ନ କ୍ଷୁଦ୍ର ବ୍ୟବସାୟ ପାଇଁ ସାହାଯ୍ୟ, କୁଟୀରଶିଳ୍ପ, ଚାଷର ଉନ୍ନତି, ଜଙ୍ଗଲଜାତ ଦ୍ରବ୍ୟର କିଣାବିକା ଆଦି କାର୍ଯ୍ୟକ୍ରମ ହାତକୁ ନିଆଯାଇଛି । କଳାହାଣ୍ଡି ଏବଂ ବଲାଙ୍ଗୀର ଜିଲ୍ଲାରେ ଗ୍ରାମ ଖାଦ୍ୟ ସୁରକ୍ଷା କାର୍ଯ୍ୟକ୍ରମ କାର୍ଯ୍ୟକାରୀ ହେଉାଛି, ଶସ୍ୟ ଭଣ୍ଡାର ପରିଚାଳନା, ଗ୍ରାମପାଣ୍ଠି ଗଠନ, ମହିଳା ନେତୃତ୍ୱ ବିକାଶ, ସାଧାରଣ ବଣ୍ଟନ ବ୍ୟବସ୍ଥା ଆଦି କାର୍ଯ୍ୟକାରୀ କରାଯିବ ଦ୍ୱାରା ଦୁଇଟି ମରୁଡି ପ୍ରପୀଡିତ ଜିଲ୍ଲାର ଦୁଇଟି ବ୍ଲକରେ ଖାଦ୍ୟ ସୁରକ୍ଷା ସମସ୍ୟା ବହୁ ପରିମାଣରେ ଲାଘବ ହୋଇପାରିଛି ।

ଆନୁଷ୍ଠାନିକ କାର୍ଯ୍ୟକ୍ରମର ଆରମ୍ଭ କାଳରୁ ଗାଁ ଗାଁ, ରେ ଆରମ୍ଭ ହୋଇଥିବା ମହିଳା ମଣ୍ଡଳ ଓ ସ୍ୱୟଂ ସହାୟକ ଦଳ ବହୁ ଅଞ୍ଚଳରେ ଆଜି ମହା ସଂଘରେ ପରିଣତ ହୋଇ ନିଜ ନିଜର ପରାକାଷ୍ଠା ଦେଖାଇବାକୁ ସକ୍ଷମ ହୋଇପାରିଛନ୍ତି । 'ଫାର୍' ଦ୍ୱାରା ସମ୍ବର୍ଦ୍ଧିତ ମହାଶକ୍ତି ଫାଉଣ୍ଡେସନ ମହିଳା ସ୍ୱୟଂ ସହାୟିକା ଦଳ ପାଇଁ ରାଜ୍ୟ ତଥା ରାଜ୍ୟ ବାହାରେ ଏକ ଆଦର୍ଶ ସୃଷ୍ଟି କରିଛି । କ୍ଷୁଦ୍ର ଆର୍ଥିକ ପରିଚାଳନାରେ ସ୍ୱୟଂ ସହାୟିକାମାନେ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନେବା ସହିତ ସେମାନଙ୍କର ଆର୍ଥିକ ବିକାଶ କରିପାରିଛନ୍ତି ।

ଆନ୍ତର୍ଜାତୀୟ ସ୍ତରରେ ମାନବିକ ଅଧିକାରକୁ ନେଇ କାର୍ଯକ୍ରମ ଗ୍ରାହଣ କରୁଛି । ବିଷମକଟକ ତହସିଲରେ ୧୯୯୬-୯୭ ରେ ହୋଇଥିବା ଆଦିବାସୀ ଜମି ବେନାମୀ ହସ୍ତାନ୍ତର ପ୍ରକ୍ରିୟାରେ  ଆଦିବାସୀମାନଙ୍କର ଜମିକୁ ପୁଣି ଫେରସ୍ତ କରାଇବାରେ ଫାର୍ ର ପ୍ରମୂଖ ଭୂମିକା ଥିଲା . ଆତ୍ୟାବଧୀ ଏହି ଫୈରସ୍ତ ପ୍ରକ୍ରିୟା ଚାଲୁରହିଛୀ ଏବଂ ଲୋକମାନେ ସେମାନଙ୍କର ଅଧିକାର ଫେରି ପାଉଛନ୍ତି । ଶିକ୍ଷା କ୍ଷେତ୍ରରେ ମହିଳାମାନଙ୍କ ଅଧିଖାରକୁ ଗୁରୁତ୍ୱ ଦେଇ ସଂଗଠନ ବିଭିନ୍ନ ଶିକ୍ଷଣୀୟ କାର୍ଯ୍ୟକ୍ରମ ମଧ ଗ୍ରହଣ କରୁଛି । ୧୯୯୨ ମସିହାରେ ଏକ ମାସ ବ୍ୟାପରି ପରିଶେଷ ସୁରକ୍ଷା ଲକ୍ଷ୍ୟ ନେଇ ଦଣ୍ଡକାରଣ୍ୟରୁ ଗନ୍ଧମାର୍ଦ୍ଦନ ପଦଯାତ୍ରା ଅବିଭକ୍ତ କଳାହାଣ୍ଡି ଓ ସମ୍ବଲପୁରର ଜନଜାଗରଣ ସୃଷ୍ଟି କରିବା ସହ ଏକ ଐତିହାସିକ ବାତାବରଣ ସୃଷ୍ଟି କରିଛି ।

ସଂଗଠନ ନିଜର କାର୍ଯ୍ୟକ୍ରମକୁ କେବଳ ଆଦିବାସୀ ଅଞ୍ଚଳରେ ସୀମିତ ନ ରଖି ପ୍ରାକୃତିକ ବିପ୍ୱାତ ସମୟରେ ଅଗଣିତ ବୁଭୁକ୍ଷୁ ଜନତାଙ୍କ ନିକଟରେ ନିଜକୁ ପହଞ୍ଚାଇ ପାରିଛି । ୧୯୯୯ ମସିହାରେ ଓଡିଶାର  ମହାବାତ୍ୟା ସମଗ୍ର ବିଶ୍ୱ ଚେତନାକୁ ଥରାଇ ଦେଇଥିଲା ବେଳେ ଫାର୍ ୩ଟି ଜିଲ୍ଲାରେ ଥଇଥାନ ଓ ପୁନଃନିର୍ମାଣ କାର୍ଯ୍ୟରେ ନିୟୋଜିତ

ହୋଇ ୨୪,୦୦୦/- ପରିବାରକୁ ସାହାଯ୍ୟ ଓ ସହଯୋଗ ଯୋଗାଇ ଦେଇଥିଲା । ୨୦୦୨ ମସିହାରେ ବନ୍ୟାପରେ କେନ୍ଦ୍ରାପଡା ଅଞ୍ଚଳର ୩,୫୦୦ ପରିବାରକୁ ଏବଂ ୨୦୦୬ ର ବନ୍ୟାପରେ ୨୦୦୦ ପରିବାରକୁ ବିହନ, କମ୍ବଳ, ପାଲ ଓ ଅନ୍ୟାନ୍ୟ ସହଯୋଗ ପ୍ରଦାନ କରାଯାଇଛି । ବନ୍ୟା, ବାତଥା ଓ ମରୁଡି ପ୍ରପୀଡିତ ଅଞ୍ଚଳର ଚାଷୀମାନଙ୍କୁ କୃଷି ସହାୟତା ଯୋଗାଇଦେବା ସହିତ ଏଗୁଡିକର ସ୍ଥାୟୀ ପ୍ରତିକାର ସମ୍ବନ୍ଧରେ ଲୋକମାନଙ୍କୁ ସଚେତନ ଓ ସତର୍କତା ଅବଲମ୍ବନ କରିବାକୁ ପ୍ରୋତ୍ସାହିତ କରୁଛି । ବାଳ ଶ୍ରମିକ ତଥା ଗୋତି ଶ୍ରମିକ ପ୍ରଥା ଉଚ୍ଛେଦପାଇଁ ଚେଷ୍ଟା କରାଯାଇ ବାଳଶ୍ରମିକ ମାନଙ୍କୁ ଶିକ୍ଷାଦାନର ସୁଯୋଗ, ବବିତା ଭଳି ବାଳ ଶ୍ରମିକକୁ ଜାତୀୟ ସ୍ତରରେ ପୁରସ୍କୃତ କରାଯାଇଛି । ୬୦,୦୦୦/- ରୁ ଅଧିକ ମହିଳାଙ୍ଗଯକୁ ସାକ୍ଷର କରାଇବା ମହିଳା ସଶକ୍ତିକରଣର ସୂଚନା ଦିଏ ।

ସରକାରଙ୍କର ସମସ୍ତ ପ୍ରକାର ଉନ୍ନୟନ ମୂଳକ କାର୍ଯ୍ୟକ୍ରମ ଏବଂ ସେଗୁଡିକର ନୀତି, ନିୟମଗୁଡିକ ସଂପର୍କରେ ଜନସାଧାରଣଙ୍କୁ ଅବଗତ କରାଇବା ସହ ବିଭିନ୍ନ ଲୋକ ପ୍ରତିନିଧି, ସରକାରୀ କର୍ମକର୍ତ୍ତା, ଗ୍ରାମାଞ୍ଚଳର ପୁରୁଷ ଓ ମହିଳା ଏବଂ ଅନ୍ୟମାନଙ୍କୁ ସୂଚନା, ଶିକ୍ଷା ଓ ଯୋଗାଯୋଗ କାର୍ଯ୍ୟକ୍ରମ ମାଧ୍ୟମରେ ସଂପ୍ରସାରିତ କରାଯାଇଛି । ଅଧିକ ତଥ୍ୟ ଓ ଯୋଜନାରେ ପୂର୍ଣ୍ଣ ବିନିଯୋଗ ପାଇଁ ସଂଗଠନ ଉଦ୍ୟମ କରିଆସୁଛି ।

ଜାତି, ବର୍ଣ୍ଣ, ଧର୍ମ, ସଂପ୍ରଦାୟ, ଆଞ୍ଚଳିକତା ଏବଂ ଲିଙ୍ଗ ବୈଷମ୍ୟ ନିର୍ବିଶେଷରେ ପ୍ରତ୍ୟେକ ମଣିଷ କିପରି ସ୍ୱାଧିନ ଭାବରେ ବଞ୍ଚିବା, ସ୍ୱାଧିନ ଭାବରେ ମତବ୍ୟକ୍ତ କରିପାରିବ, ସ୍ୱାଧିନ ଭାବରେ କାର୍ଯ୍ୟ କରିପାରିବ ଏବଂ ସ୍ୱାଧିନ ଭାବରେ ବସବାସ କରିପାରିବ ସେଥିପାଇଁ ଫାର୍ ନିଷ୍ଠାର ସହ କାର୍ଯ୍ୟକ୍ରମ ପ୍ରସ୍ତୁତି ଓ ପରିଚାଳନା କରିଆସୁଛି । ଶିଶୁମାନଙ୍କର ଅଧିକାରକୁ ସାବ୍ୟସ୍ତ କରିବା ପାଇଁ ଭଏସ୍ ଫର ଚାଇଲ୍ଡ ରାଇଟ୍, ସି.ଏ.ସି.ଟି, କ୍ଲପ ଆଦି ଅନୁଷ୍ଠାନ ସହ ମିଶି ବିଭିନ୍ନ କାର୍ଯ୍ୟକ୍ରମ ଗ୍ରହଣ କରିଆସୁଛି । ମହିଳାମାନଙ୍କର ମାନବିକ ଅଧିକାର ସୁରକ୍ଷା, ବିସ୍ଥାପନ, ଆଦିବାସୀ ଜମି ହସ୍ତାନ୍ତର ସମସ୍ୟା, ଜଳ, ଜମି ଓ ଜଙ୍ଗଲ ଉପରେ ସ୍ଥାନୀୟ ଜନ ସାଧାରଣଙ୍କ ଅଧିକାର, ବନଭୂମିରେ ବସବାସ କରୁଥିବା ଆଦିମ ଅଧିକାର ଆଦି ପ୍ରସଙ୍ଗକୁ ମାନବିକ ଅଧିକାରର ମର୍ଯ୍ୟାଦା ଦେଇ ଫାର୍, ଓଡିଶା ମଦମୁକ୍ତି ଅଭିଯାନ, ନାଉ, ଯାଜ୍ଞସେନୀ, ଓ୍ୱାକ୍ୟାନ, ହ୍ୟୁମାନ ରାଇଟ୍ସ୍ ନେଟ୍ ଓ୍ୱାର୍କ, ପାର୍ଟନର ଟୁ ଲ' ଆଣ୍ଡ ଡେଭ୍ଲେପ୍ମେଣ୍ଟ, ସଂହତି ଓ ଓ.ଡି.ଏମ୍.ଏମ୍, ସଂଗ୍ରାମ ଆଦିବାସୀ ମଞ୍ଚ, ଲୋକ ଅଧିକାର ସାମୂଖ୍ୟ ଆଦି ସଂଗଠନ ସଜ ନିଜକୁ ଜଡିତ କରିଛି। ଏବଂ ମାନବିକ ଅଧିକାର ପାଇଁ ସ୍ୱର ଉତ୍ତୋଳନ କରୁଛି । ଜିଲ୍ଲା, ରାଜ୍ୟ, ଜାତୀୟ ଏହାଛଡା ଜୀବନ ଜିବିକାର ଉନ୍ନତି ପାଇଁ ଅକ୍ସଫାମ୍ ସହଯୋଗରେ କେସିଂପୁର ଓ ମୁନିଗୁଡାର ୯୦ ଟି ଗ୍ରାମରେ ବିଭିନ୍ନ ଜଳଜମି ସଂପର୍କିତ କାର୍ଯ୍ୟ କ୍ରମ ମାଧ୍ୟମରେ ,୨୦୦୬ ମସିହାରୁ ୨୦୦୯ ମସିହା ପର୍ଯ୍ୟନ୍ତ ୧୬୪୮ ପରିବାରକୁ ସହାୟତାକରାଯାଇ ଅଛି ।

ଡ୍ୟାଲେରିଆ ନିରାକରଣ ପାଇଁ ଟାଟା ଟ୍ରଷ୍ଟ ସହାୟତାରେ କଳାହାଣ୍ଡିର ମଦନପୁର ରାମପୁର ଅଂଚଳର ୬୦ ଗ୍ରାମରେ ବିଭିନ୍ନ ସଚେତନତା ଓ ପତିଶେଧକ କାର୍ଯ୍ୟ କ୍ରମ ମାଧ୍ୟମର ମ୍ୟଲେରିଆ କମାଇବା କ୍ଷେତ୍ରରେ ୂଗରୁତ୍ୱ ବପୂର୍ଣ୍ଣ ଭୂମୀକା ଗ୍ରହଣ କରାଯାଇଛି । ଗ୍ରାମଗୋଷ୍ଠି ଓ ଯୁବକ ତଥା ପଂଚାୟତ ପ୍ରତିନିଧିମାନେ କିପରି ସକ୍ରୀୟ ଭୂମୀକା ଗ୍ରହଣକରି ମ୍ୟାଲେରିଆ ନିରାକରଣ କରିପାରିବେ ସେ ଉପରେ ୂରୁତ୍ୱ ଦେଇ ବହୁ କାର୍ଯ୍ୟକ୍ରମ ହାତକୁ ନିଆ ଯାଇଛି। ୨୦୧୫ ମସିହାରୁ ୨୦୧୮ ମସିହା ପଯ୍ୟନ୍ତ ମୁନିଗଗୁଡା ର ୧୦୦ ଟି ଗ୍ରାମରେ ଟାଟା ଟ୍ରଷ୍ଟ ସହାୟତାରେ ବ୍ୟାପକ ଗୋଷ୍ଠି କାର୍ଯ୍ୟ କ୍ରମ ପରିଚାଳନା କରାଯାଇ ମ୍ୟାଲେରିଆ,ଡାଏରୀଆ,ଟିବି,ଶିଶୁ, ମାତୃ ମୃତ୍ୟୁହାର କମାଇବାପାଇଂ ବିଭିନ୍ନ କାର୍ଯ୍ୟକ୍ରମ କରାଯାଇଛି । ୮୬ ଜଣ ସ୍ୱାସ୍ଥ୍ୟ ସାଥୀଙ୍କ ମାଧ୍ୟମରେ , ୪୦୦୦ରୁ ଅଧିକ ରୋଗୀଙ୍କୁ ସ୍ୱାସ୍ଥ୍ୟ ସେବା ଯୋାଗାଇବା, ଇନଷ୍ଠିଟୁନାଲ ଡେଲିଭରିକୁ ୯୦ପ୍ରତିଶତ ବଢାଇବା ସହ ୧୦୦ ଟିଗ୍ରାମରେ ପ୍ରଶବ ସମୟରେ ମାତୃ ଓ ଶିଶୁ ମୃତ୍ୟୁହାର ରୋକାଯାଇ ପାରିଛି ।ମ୍ୟାଲେରିଆ ଜନିତ ମୃତ୍ୟକୁ ରୋକାଯାଇ ପାରିଛି । କିଶୋରୀ ବାଳିକା ସ୍ୱାସ୍ଥ୍ୟ ଉପରେ ମଧ୍ୟ ଗୁରୁତ୍ୱ ପ୍ରଦାନ କରାଯାଇଛି।ଭାରତ ସରକାରଙ୍କ ପରିବେଶ ବିଭାଗ ସହଯୋଗରେ ୨୦୧୬ ମସିହାରୁ ଢେଙ୍କାନାଳ ଜିଲ୍ଲାରେ ୧୦୦ଦଳିତ ପରିବାର ଜୀବନ ଜୀବିକା ଉନ୍ନତି କାଯ୍ୟକ୍ରମ କରାଯାଉ ଅଛି । ଓଡିଶାସରକାରଙ୍କ ଆଦିବାସୀ ହରିଜନ ବିକାଶ ବିଭାଗ ସହଯୋଗରେ କାଳାହାଣ୍ଡିର ୨୦୦ ପରିବାର ଓ ଢେଙ୍କାନାଳର ୨୦୦ ପରିବାର ସହ ୨୦୧୩ ମସିହାରୁ ବିଭିନ୍ନ ଆୟ ଭିତ୍ତିକ କାର୍ଯ୍ୟକ୍ରମ ମାଧ୍ୟମରେ ଜୀବନଜୀବିକାର ଉନ୍ନତି କରା୍ୟାଇଅଛି ।

ଓଲ୍ଟିଶା ସରକାରଙ୍କ ଆଦିବାସୀ ହରିଜନ ବିକାଶ ବିଭାଗ ସହଯୋରେ ୨୦୦୯ ମସିହାରୁ ମୁନିଗୁଡା ର ୫୨ଟି ଗ୍ରାମର ୧୫୬୨ ପରିବାର ଜୀବନଜୀବିକାର ଉନ୍ନତି ଓ ଶସସକ୍ତି କରଣ ପାଇଁ ଓଟିଇଏଲପି କାର୍ଯ୍ୟକ୍ରମ ଚାଲୁରହିଛି । ବହୁମୂଖୀ ଗୋଷ୍ଠିଗୃହ, ପିଇବାପାଣିର ସୁବିଧା, ଚାଷ ପାଇଁ ପାଣିର ସୁବିଧା କରାଇବା, ଜମିର ଉନ୍ନତିକରଣ, ଜଙ୍ଗଲ ସୁରକ୍ଷା ଆଦି